# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 31st March - 2025

********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଆୟୁଷ୍ମାନ ଭାରତ ଯୋଜନା; ଉପକୃତ ହେବେ ୧ କୋଟି ୩ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ।
- କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଆସନ୍ତାକାଲିଠାରୁ ଲାଗୁ ହେବ ଏକୀକୃତ ପେନ୍‌ସନ୍ ଯୋଜନା ।
- ଆସନ୍ତା ଆର୍ଥିକ ବର୍ଷରେ ରାଜ୍ୟରେ ସାଢ଼େ ୬ ହଜାର କିଲୋମିଟର ରାସ୍ତା ନିର୍ମାଣ କରାଯିବ; ପୂର୍ତ୍ତମନ୍ତ୍ରୀଙ୍କ ସୂଚନା ।

ଏବଂ

- ରାଜ୍ୟରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କାଳବୈଶାଖୀର ସମ୍ଭାବନା ନେଇ ୧୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ ବିଭାଗ ।

*Desk*

# ଆୟୁଷ୍ମାନ ଭାରତ ଯୋଜନା

ରାଜ୍ୟରେ ଆସନ୍ତାକାଲି ଆୟୁଷ୍ମାନ ଭାରତ – ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହେବ। ଏଥିସହିତ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ମଧ୍ୟ ଶୁଭାରମ୍ଭ ହେବ। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଆୟୁଷ୍ମାନ ଭାରତ – ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧ କୋଟି ୩ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହେବେ। ଯାହାକି ରାଜ୍ୟର ୩ କୋଟି ୪୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଦୁଇ ସ୍ୱାସ୍ଥ୍ୟ ଯୋଜନାରୁ ଲାଭ ପାଇବେ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାରେ ୬୭ ଲକ୍ଷ ୮୦ ହଜାରରୁ ଅଧିକ ପରିବାର ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ୩୫ ଲକ୍ଷ ୮୪ ହଜାରରୁ ଅଧିକ ପରିବାର ଉପକୃତ ହେବେ। ଯୋଜନାର ହିତାଧିକାରୀମାନଙ୍କୁ ଗୋଟିଏ ସ୍ୱାସ୍ଥ୍ୟ କାର୍ଡ ଯୋଗାଇ ଦିଆଯିବ। ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୭୦ ବର୍ଷ ବୟସରୁ ଅଧିକ ବୟସର ପ୍ରାୟ ୨୩ ଲକ୍ଷ ୧୩ ହଜାର ହିତାଧିକାରୀମାନେ ଅଲଗା ଭାବେ ଏକ ସ୍ୱତନ୍ତ୍ର କାର୍ଡ ପାଇବେ। ପ୍ରତ୍ୟେକ ପୁରୁଷ ହିତାଧିକାରୀଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯିବ। ଅନ୍ୟପକ୍ଷରେ ମହିଳା ହିତାଧିକାରୀମାନଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯିବ। ଗୋଟିଏ ପରିବାରରେ ୭୦ ବର୍ଷରୁ

ଅଧିକ ବୟସର ହିତାଧିକାରୀ ଥିଲେ, ପରିବାର ପ୍ରତି ଚିକିତ୍ସା ଖର୍ଚ୍ଚ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାର ବହନ କରିବେ। ଏହି ଦୁଇ ଯୋଜନାର ହିତାଧିକାରୀମାନେ ଦେଶର ୨୯ ହଜାରରୁ ଅଧିକ ସରକାରୀ ଡାକ୍ତରଖାନା ଓ ପଞ୍ଜୀକୃତ ବେସରକାରୀ  ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

***Desk***

## ପେନ୍‌ସନ୍ ଯୋଜନା

କେନ୍ଦ୍ର ସରକାରୀ କର୍ମଚାରୀଙ୍କପାଇଁ ଏକୀକୃତ ପେନ୍‌ସନ ଯୋଜନା ଆସନ୍ତାକାଲିଠାରୁ ଲାଗୁ ହେଉଛି । ଜାତୀୟ ପେନ୍‌ସନ୍ ବ୍ୟବସ୍ଥା ଅଧୀନରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାରେ ସାମିଲ୍ ହେବାପାଇଁ କେନ୍ଦ୍ର ସରକାରୀ କର୍ମଚାରୀଙ୍କର ଇଚ୍ଛାଧୀନ କ୍ଷମତା ରହିଛି । ଏହି ଯୋଜନାର କାର୍ଯ୍ୟକାରିତା ନେଇ ପେନ୍‌ସନ୍ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି । ଏଥିରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ୩ଟି ବର୍ଗରେ ବିଭକ୍ତ କରାଯାଇଛି । ଚଳିତ ବର୍ଷ ଏପ୍ରିଲ୍ ପହିଲା ମଧ୍ୟରେ କେନ୍ଦ୍ର ସରକାରଙ୍କ ଅଧୀନରେ ଯୋଗ ଦେଇଥିବା କର୍ମଚାରୀଙ୍କୁ ପ୍ରଥମ ବର୍ଗରେ ସ୍ଥାନିତ କରାଯାଇଛି । ସେମାନେ ଜାତୀୟ ପେନ୍‌ସନ୍ ବ୍ୟବସ୍ଥା - ଏନ୍.ପି.ଏସ୍. ଅଧୀନରେ ସାମିଲ୍ ହୋଇପାରିବେ । ସେହିଭଳି ଏପ୍ରିଲ୍ ପହିଲା ଏବଂ ଏହାପରେ ଯୋଗ ଦେଇଥିବା ନୂତନ କର୍ମଚାରୀଙ୍କୁ

ଦ୍ୱିତୀୟ ବର୍ଗରେ ସ୍ଥାନିତ କରାଯାଇଥିବାବେଳେ ତୃତୀୟ ବର୍ଗରେ ଏନ୍.ପି.ଏସ୍. ଯୋଜନାରେ ସାମିଲ୍ ରହିଥିବା କର୍ମଚାରୀ ଏବଂ ଆଜି ସୁଦ୍ଧା ଅବସରପ୍ରାପ୍ତ କର୍ମଚାରୀ ରହିଛନ୍ତି । ଏହି ନୂତନ ଯୋଜନା ଅଧୀନରେ ସର୍ବନିମ୍ନ ୨୫ ବର୍ଷ କାର୍ଯ୍ୟ କରିଥିବା କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଶେଷ ୧୨ ମାସ ଦରମାର ହାରାହାରି ମୂଳ ଦରମାର ୫୦ ପ୍ରତିଶତ ପେନ୍‌ସନ୍ ଆକାରରେ ପ୍ରଦାନ କରାଯିବ । ଚାକିରି କାଳ ମଧ୍ୟରେ ମୃତ୍ୟୁ ଘଟିଥିବା କର୍ମଚାରୀଙ୍କ ପରିବାରବର୍ଗଙ୍କୁ ୬୦ ପ୍ରତିଶତ ପେନ୍‌ସନ୍ ଆକାରରେ ମିଳିବ । ଏପରିକି ଏହି ଯୋଜନା ଅଧୀନରେ ସର୍ବନିମ୍ନ ୧୦ ବର୍ଷ ଚାକିରି କରିଥିବା କର୍ମଚାରୀଙ୍କପାଇଁ ଅତିକମ୍‌ରେ ୧୦ ହଜାର ଟଙ୍କା ପେନ୍‌ସନ୍ ଆକାରରେ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।

*Desk*

## ଓଡ଼ିଆ ପକ୍ଷ

ରାଜ୍ୟରେ ଆସନ୍ତାକାଲି ଉତ୍କଳ ଦିବସରୁ ୧୪ ତାରିଖ ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ' ପାଳନ କରାଯିବା ଲାଗି ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏଥିରେ ବ୍ଲକ୍ ସ୍ତରରୁ ଆରମ୍ଭ କରି ରାଜ୍ୟ ସ୍ତର ପର୍ଯ୍ୟନ୍ତ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟକୁ ପ୍ରୋତ୍ସାହିତ କରିବାପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଆସନ୍ତାକାଲି ରାଜ୍ୟ, ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ଓଡ଼ିଶାକୁ ସ୍ୱତନ୍ତ୍ର

ଭାଷାଭିତ୍ତିକ ରାଜ୍ୟ ଭାବେ ଗଠନ ହୋଇଥିବା ଅବସରରେ ଓଡ଼ିଶା ଦିବସ ପାଳନ କରାଯିବ । ଏପ୍ରିଲ୍ ୨ରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ, ୩ ତାରିଖରେ ଆମ ପୋଷାକ ଆମ ପରିଚୟ, ୪ ତାରିଖରେ ଓଡ଼ିଆରେ ନାମଫଳକ ବ୍ୟବହାର ସମ୍ପର୍କିତ ଅଭିଯାନ, ୫ ତାରିଖରେ ମାରାଥନ ଆୟୋଜନ କରାଯିବ ।

ସେହିପରି ଏପ୍ରିଲ୍ ୬ ତାରିଖରେ ମନ୍ଦିର ଓ ଐତିହ୍ୟସ୍ଥଳୀରେ ସ୍ୱଚ୍ଛତା ଅଭିଯାନ, ୭ରେ ବର୍ଣ୍ଣବୋଧ ଉତ୍ସବ, ୮ ତାରିଖରେ ରକ୍ତଦାନ ଶିବିର, ୯ରେ ଆସ ବହିକିଣିବା, ୧୦ ତାରିଖରେ ଲୋକକଳା ଦିବସ, ୧୧ରେ ଯୁବ ଲେଖକ ସମ୍ମିଳନୀ, ୧୨ରେ ସାହିତ୍ୟ ଆଲୋଚନାଚକ୍ର, ୧୩ରେ ଆମ ରୁଚି ଆମ ଖାଦ୍ୟ ଏବଂ ଏପ୍ରିଲ୍ ୧୪ ତାରିଖରେ ଓଡ଼ିଆ ନବବର୍ଷ ପାଳନ କରାଯିବ ।

*Puri/R*

# ଐତିହ୍ୟ - ରଥଯାତ୍ରା

ପୁରୀ ରଥଯାତ୍ରାକୁ ୟୁନେସ୍କୋ ଦ୍ୱାରା ବୈଶ୍ୱିକ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପାଇଁ ଜାତୀୟ ତାଲିକାରେ ପ୍ରଥମ ସୋପାନ ଅତିକ୍ରମ କରିଛି । ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ସଙ୍ଗୀତ ନାଟକ ଏକାଡେମୀ ଏହି ସ୍ୱୀକୃତି ପ୍ରଦାନ କରିଛି । ସୂଚନାଯୋଗ୍ୟ, ନିକଟରେ ଶ୍ରୀଜଗନ୍ନାଥ

ମନ୍ଦିର ପ୍ରଶାସନ ଶ୍ରୀଜଗନ୍ନାଥଙ୍କ ପୁରୀ ରଥଯାତ୍ରା ପାଇଁ ୟୁନେସ୍କୋର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ଆବେଦନ କରାଯାଇଥିଲା ।

***HS***

## ସଡ଼କ ନିର୍ମାଣ

ରାଜ୍ୟରେ ଆସନ୍ତା ଆର୍ଥିକ ବର୍ଷରେ ସାଢ଼େ ୬ ହଜାର କିଲୋମିଟର ରାସ୍ତା ନିର୍ମାଣ କରାଯିବ ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଜାତୀୟ ରାଜପଥ ପ୍ରାଧିକରଣ ଓ ରାଜ୍ୟ ରାଜପଥ ପ୍ରକଳ୍ପର ସମୀକ୍ଷା ପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହା କହିଛନ୍ତି । ଆସନ୍ତା ୩ ବର୍ଷ ମଧ୍ୟରେ ୨ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୧୫ ହଜାର କିଲୋମିଟର ରାସ୍ତା ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

***Voice :.............***

***Desk***

## ଖସାପଡ଼ା ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ଚୈତ୍ର ଶୁକ୍ଳ ଦ୍ୱିତୀୟ ତିଥିରେ ଶ୍ରୀବିଗ୍ରହମାନଙ୍କ ଖସାପଡା ଲାଗି ନୀତି ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ

ହେବା ପରେ ଅପରାହ୍ଣରୁ ୫ ଘଣ୍ଟା ପର୍ଯ୍ୟନ୍ତ ଏହି ଗୁପ୍ତ ନୀତି ଅନୁଷ୍ଠିତ ହେଉଥିବାରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି ।

ଅନ୍ୟପକ୍ଷରେ, ଆସନ୍ତା ବୁଧବାର ଦିନ ବନକଲାଗି ନୀତି ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଆଜିଠାରୁ ଗୁରୁବାର ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

***BBSR/R***

## ଅପରାଜିତା - ଜନଶୁଣାଣି

ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଅଧିବାସୀଙ୍କୁ ନେଇ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ କାର୍ଯ୍ୟାଳୟରେ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ୮ ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିବା ପରେ ସେଗୁଡ଼ିକର ତ୍ୱରିତ ସମାଧାନ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି । କେତେକ ସମସ୍ୟାର ଆଶୁ ସମାଧାନପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି ।

*Ganjam/R*

## କଳାଦର୍ପଣ ବାର୍ଷିକ ଉତ୍ସବ

ଗଞ୍ଜାମ ଜିଲ୍ଲା ସଂସ୍କୃତି ଭବନ ପରିସରରେ 'ଭୁବନେଶ୍ୱର ଅନନ୍ୟ କଳାଦର୍ପଣ'ର ବାର୍ଷିକ ଉତ୍ସବ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ପ୍ରମୋଦ କୁମାର ପୃଷ୍ଟି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ କେନ୍ଦ୍ର ସାହିତ୍ୟ ନାଟକ ଏକାଡେମୀର ବିଶିଷ୍ଟ ନୃତ୍ୟଗୁରୁ ଡକ୍ଟର ସ୍ନେହପ୍ରଭା ସାମନ୍ତରାୟ ଯୋଗଦେଇ କଳାକୁ ବଞ୍ଚାଇ ରଖିବାରେ ସମସ୍ତଙ୍କର ପ୍ରୋତ୍ସାହନ ଆବଶ୍ୟକ ରହିଛି ବୋଲି କହିଥିଲେ।

*Dhenkanal/R*

## ସମବାୟ ବର୍ଷ

ଗ୍ରାମାଞ୍ଚଳ ଲୋକଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆସିଲେ ରାଜ୍ୟ ବିକାଶ ସମ୍ଭବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଢେଙ୍କାନାଳଠାରେ ଆୟୋଜିତ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଉତ୍ସବରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ଏଥିପାଇଁ ସମବାୟ ସଂସ୍ଥାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମବାୟ ସଂସ୍ଥାରୁ ବିଭିନ୍ନ କୃଷି ଋଣ ନେଇ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାକୁ ସ୍ୱୟଂ ସହାୟକ ଗୋଷ୍ଠ ଓ ସମବାୟ ସଂସ୍ଥାର

କର୍ମକର୍ତ୍ତାଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ଆହ୍ୱାନ ଦେଇଛନ୍ତି । ସମବାୟ ସଂସ୍ଥା ଯୋଗୁଁ ଗ୍ରାମାଞ୍ଚଳର ମହିଳାମାନେ ଆର୍ଥିକ କ୍ଷେତ୍ରରେ ବିଶେଷ ଉପକୃତ ହେଉଛନ୍ତି ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ କହିଛନ୍ତି ।

***Desk, Kendrapara/R***

## ଇଦ୍-ଉଲ୍-ଫିତର

ମୁସଲମାନ ସମ୍ପ୍ରଦାୟର ଭାଇଭଉଣୀମାନେ ଆଜି ପବିତ୍ର  ଇଦ୍-ଉଲ୍-ଫିତର ପାଳନ କରୁଛନ୍ତି । ଏକ ମାସ ଧରି ରୋଜା ଶେଷ ହେବା ପରେ ମୁସଲମାନ ଭାଇଭଉଣୀମାନେ ଆଜି ଇଦ୍ ପାଳନ କରୁଛନ୍ତି  । ମସଜିଦ୍ ଓ ଇଦ୍‌ଗା ପଡିଆରେ ସମୂହ ନମାଜ ପାଠ ଅନୁଷ୍ଠିତ ହେଉଛି ।

କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ମସ୍‌ଜିଦ୍ ଓ ଇଦ୍‌ଗା ମହଲାରେ ସ୍ୱତନ୍ତ୍ର ସାମୂହିକ ନମାଜପାଠ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା । ନମାଜପାଠ ପରେ ମୁସଲ୍‌ମାନ ଭାଇଭଉଣୀମାନେ ପରସ୍ପରକୁ ଇଦ୍-ଉଲ୍-ଫିତର୍‌ର ଶୁଭେଚ୍ଛା ଆଦାନ ପ୍ରଦାନ କରିଥିଲେ । ଏହି ପର୍ବକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବାପାଇଁ କେନ୍ଦ୍ରାପଡ଼ା ସହରରେ ୮ ପ୍ଲାଟୁନ୍ ପୁଲିସ୍ ଫୋର୍ସ ନିୟୋଜିତ ହୋଇଛନ୍ତି ।

*Met. O.*

# ପାଣିପାଗ

ରାଜ୍ୟର ୧୦ଟି ଜିଲ୍ଲାର କେତେକ ସ୍ଥାନରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କାଳବୈଶାଖୀର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ସେହି ଜିଲ୍ଲାଗୁଡ଼ିକ ହେଲା - ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି । ସେହିପରି ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ବଜ୍ରପାତ ଓ ଝଡ଼ବାତ୍ୟା ନେଇ ସତର୍କ ରହିବାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି ।

ବୌଦ୍ଧରେ ଆଜି ସର୍ବାଧିକ ତାପମାତ୍ରା ୪୨ ଦଶମିକ ୧ ଡିଗ୍ରୀ ସେଲ୍‌ସିୟସ୍ ଥିଲା । ଚଳିତ ବର୍ଷ ଏପ୍ରିଲ୍ ମାସରୁ ଜୁନ୍ ମାସ ମଧ୍ୟରେ ସ୍ୱାଭାବିକ ଠାରୁ ଅଧିକ ତାପମାତ୍ରା ବୃଦ୍ଧି ପାଇବ । ଏନେଇ ପାଣିପାଗ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାକୁ ସୂଚନା ଜାରି କରାଯାଇଛି ।

*****